ପାଠ-୧୪

# ଖରା, ବର୍ଷା, ଶୀତ

## WORKSHEET

**୧. ଅପଠିତ ଗଦ୍ୟାଂଶଟିକୁ ପଢ଼ି ପ୍ରଶ୍ନଉତ୍ତର ଲେଖ।**

ଭକ୍ତକବି ତୁଳସୀ ଦାସ। ସେ ରାମାୟଣରେ ଭକ୍ତ ହନୁମାନଙ୍କର ମହିମା ଗାନ କରିଛନ୍ତି। ତୁଳସୀ ଦାସଙ୍କ ରାମାୟଣ ଉକ୍ତିକୁ ଅନେକ ବକ୍ତା ସେମାନଙ୍କର ବକ୍ତବ୍ୟରେ କହିଥା'ନ୍ତି। ହନୁମାନ ତାଙ୍କର ସମସ୍ତ ଶକ୍ତି ପ୍ରଭୁ ରାମଙ୍କ ପାଇଁ ଅର୍ପଣ କରିଥିଲେ ବୋଲି ସେ କହିଛନ୍ତି।

କ) ଭକ୍ତ କବି କିଏ ?

ଉ: ଭକ୍ତ କବି ହେଉଛନ୍ତି ତୁଳସୀ ଦାସ ।

ଖ) କିଏ ରାମାୟଣରେ କାହାର ମହିମା ଗାନ କରିଛନ୍ତି ?

ଉ: ତୁଳସୀ ଦାସ ରାମାୟଣରେ ଭକ୍ତ ହନୁମାନଙ୍କର ମହିମା ଗାନ କରିଛନ୍ତି ।

ଗ) ରାମାୟଣର ଉକ୍ତିକୁ କେଉଁମାନେ ବକ୍ତବ୍ୟରେ କହିଥା'ନ୍ତି ?

ଉ: ରାମାୟଣର ଉକ୍ତିକୁ ଅନେକ ବକ୍ତା ସେମାନଙ୍କର ବକ୍ତବ୍ୟରେ କହିଥା'ନ୍ତି ।

ଘ) ହନୁମାନ ତାଙ୍କର ସମସ୍ତ ଶକ୍ତି କାହା ପାଇଁ ଅର୍ପଣ କରିଥିଲେ ?

ଉ: ହନୁମାନ ତାଙ୍କର ସମସ୍ତ ଶକ୍ତି ପ୍ରଭୁ ରାମଙ୍କ ପାଇଁ ଅର୍ପଣ କରିଥିଲେ ?

ଙ) ପ୍ରଭୁ ରାମଚନ୍ଦ୍ରଙ୍କ ପିତା / ବାପା କିଏ ଥିଲେ ?

ଉ: ପ୍ରଭୁ ରାମଚନ୍ଦ୍ରଙ୍କ ପିତା / ବାପା ଦଶରଥ ଥିଲେ ।

**୨. ପ୍ରଶ୍ନ ଉତ୍ତର ଲେଖ।**

କ) କେଉଁ ଋତୁରେ ଆମ୍ବ ପଣସ ପାଚିଥାଏ ?

ଉ: ଗ୍ରୀଷ୍ମ ଋତୁରେ ଆମ୍ବ, ପଣସ ପାଚିଥାଏ ।

ODM EDUCATIONAL GROUP Changing your Tomorrow



Scanned with CamScanner

ଖ) ଆମେ ମୁଖ୍ୟତଃ କେତୋଟି ଋତୁ ଅନୁଭବ କରୁ ଓ ସେଗୁଡ଼ିକର ନାମ କ'ଣ ?

ଉ: ଆମେ ମୁଖ୍ୟତଃ ତିନୋଟି ଋତୁ ଅନୁଭବ କରୁ ଓ ସେଗୁଡିକର ନାମ ହେଉଛି ଗ୍ରୀଷ୍ମ ଋତୁ, ବର୍ଷା ଋତୁ ଓ ଶୀତ ଋତୁ।

ଗ) କେଉଁ ଋତୁରେ ନଈବଢ଼ି ଦେଖାଯାଏ ?

ଉ: ବର୍ଷା ଋତୁରେ ନଈବଢ଼ି ଦେଖାଯାଏ ।

୩. ସଜାଡ଼ି ଲେଖ ।

ଡକାଙ୍କ - କାଙ୍କଡ

ଷାକପୋ - ପୋଷାକ

ଳିକୋମୁଜା - ଜାମୁକୋଳି

ବ୍ୟନୀଧକ୍ତି - ଧନୀବ୍ୟକ୍ତି

୪. ପ୍ରତିଶବ୍ଦ ଲେଖ ।

ଜଳ - ନିର

ସୂର୍ଯ୍ୟ - ଦିବାକର

ସମୁଦ୍ର - ସାଗର

ଗଛ - ବୃକ୍ଷ

୫. ସ୍ତମ୍ଭ ମିଳନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଗ୍ରୀଷ୍ମଋତୁ | ପୌଷ ଓ ମାଘ |
| ବର୍ଷାଋତୁ | ଭାଦ୍ରବ ଓ ଆଶ୍ୱିନ |
| ଶରତଋତୁ | ବୈଶାଖ ଓ ଜ୍ୟେଷ୍ଠ |
| ଶୀତଋତୁ | ଆଷାଢ଼ ଓ ଶ୍ରାବଣ |

(ଗ୍ରୀଷ୍ମଋତୁ – ବୈଶାଖ ଓ ଜ୍ୟେଷ୍ଠ; ବର୍ଷାଋତୁ – ଆଷାଢ଼ ଓ ଶ୍ରାବଣ; ଶରତଋତୁ – ଭାଦ୍ରବ ଓ ଆଶ୍ୱିନ; ଶୀତଋତୁ – ପୌଷ ଓ ମାଘ)

◆◆◆

ODM EDUCATIONAL GROUP
Changing your Tomorrow



Scanned with CamScanner